ଶନିବାର, ୩୧ ଜାନୁଆରୀ, ୨୦୨୬


# ପିଲାଙ୍କ ଧରିତ୍ରୀ



୬ କହିଲ ଦେଖି



୭ ଗପ




୬ ଜଣା ଅଜଣା




୩ ପ୍ରଚ୍ଛଦ

# ଜ୍ଞାନର ଅହଙ୍କାର



ଗପ

ବହୁତ ଦିନ ତଳର କଥା। ଗୋଟିଏ ଗାଁରେ ଜଣେ ପଣ୍ଡିତ ରହୁଥିଲେ, ଯାହାଙ୍କ ଜ୍ଞାନର ଚର୍ଚ୍ଚା ଦୂର ଦୂର ପର୍ଯ୍ୟନ୍ତ ବ୍ୟାପିଥିଲା। ଶାସ୍ତ୍ର, ବେଦ, ଉପନିଷଦ ଆଦି ତାଙ୍କର କଣ୍ଠସ୍ଥ ଥିଲା। ଲୋକେ ତାଙ୍କୁ ଦେଖି ମୁଣ୍ଡ ତଳକୁ କରି ଦେଉଥିଲେ। କିନ୍ତୁ ଧୀରେ-ଧୀରେ ସେହି ସମ୍ମାନ ତାଙ୍କ ଭିତରେ ଅହଙ୍କାର ସୃଷ୍ଟି କଲା। ପଣ୍ଡିତଙ୍କୁ ଲାଗିଲା, ତାଙ୍କଠାରୁ ବଡ଼ଜ୍ଞାନୀ ଆଉ କେହି ନାହାନ୍ତି।

ଦିନେ ସେ ତୀର୍ଥଯାତ୍ରାରେ ବାହାରିଲେ। ବହୁତ ଖରା ହେଉଥିଲା, ରାସ୍ତା ବହୁତ ଲମ୍ବା ଥିଲା। ଚାଲିଚାଲି ତାଙ୍କୁ ଅସହ୍ୟ ଶୋଷ ଲାଗିଲା। ରାସ୍ତାରେ ଗୋଟିଏ ପୁରୁଣା କୂଅଟେ ଦେଖିଲେ। କୂଅ ପାଖରେ ଜଣେ ସାଧାରଣ ମହିଳା ମାଠିଆରେ ପାଣି ଭର୍ତ୍ତି କରୁଥିଲେ। ତାଙ୍କ ଚେହେରାରେ ଅପୂର୍ବ ଶାନ୍ତି ସ୍ପଷ୍ଟ ଦେଖାଯାଉଥିଲା। ପଣ୍ଡିତ କହିଲେ, 'ହେ ମା! ମୋତେ ଶୀଘ୍ର ପିଇବାକୁ ଜଳ ଟିକିଏ ଦିଅ। ମୁଁ ଜଣେ ମହାନ୍ ବିଦ୍ୱାନ।' ମହିଳା ଜଣକ ବିନମ୍ରତାରେ ପଚାରିଲେ, 'ପଣ୍ଡିତ ମହାଶୟ, ଆପଣଙ୍କର ପାତ୍ର କେଉଁଠି ଅଛି?' ପଣ୍ଡିତ ହସି କରି କହିଲେ, 'ବିଦ୍ୱାନଙ୍କୁ ପାତ୍ରର ଆବଶ୍ୟକତା ପଡେ ନାହିଁ' ମୋର ହୃଦୟ ଜ୍ଞାନରେ ଭରି ରହିଛି। ଏହା ଶୁଣି ସେହି ମହିଳା ତାଙ୍କୁ ଶିକ୍ଷା ଦେବା ପାଇଁ କୂଅରୁ ଅଳ୍ପ ଜଳ କାଢିଲେ ଆଉ ଭୂମିରେ ପକେଇ ଦେଲେ। କହିଲେ ଦେଖନ୍ତୁ ପଣ୍ଡିତ ମହାଶୟ, ଜଳ ବହିଗଲା କିନ୍ତୁ ତାକୁ ରଖିବା ପାଇଁ ପାତ୍ର ନ ଥିଲା। ଜ୍ଞାନ ମଧ୍ୟ ଏମିତି, ଯଦି ବିନମ୍ରତାରେ ପ୍ରାପ୍ତ ନ ହେବ ତା'ହେଲେ ତାହା ବ୍ୟର୍ଥରେ ବୋହିଯିବ। ଏବେ ପଣ୍ଡିତ ଟିକେ ଅସହଜ ହୋଇ କହିଲେ, ମୋର ଜ୍ଞାନ ସାଗର ପରି। ମହିଳା ଟିକିଏ ହସିଲେ ଆଉ ଦ୍ୱିତୀୟ ଉଦାହରଣ ଦେଲେ। ସେ କୂଅ ଜଳରେ ହାତ ପକେଇ କହିଲେ, ସାଗର ଗଭୀର ଏଥିପାଇଁ ତାହା ତଳକୁ ନଇଁକରି ରହିଥାଏ। ଏହି କଥା ପଣ୍ଡିତଙ୍କୁ ଆଘାତ ଦେଲା, ସେ କହିଲେ, ମୁଁ ଶାସ୍ତ୍ରର ଜ୍ଞାତା, ବହୁବର୍ଷ ଅଭ୍ୟାସ କରିଛି। ମହିଳା ଜଣକ କହିଲେ, ଦେଖନ୍ତୁ ଏହି ବୃକ୍ଷକୁ! ଫଳ ଆସିଲା ପରେ ଏହାର ଡାଳ ନଇଁ ପଡ଼ିଛି। ଆଉ ଯେଉଁ ଗଛ ନଇଁବା ଜାଣେନି, ସେ ଫଳ ଦେଇ ନ ଥାଏ। ଏବେ ପଣ୍ଡିତଙ୍କ ଆଖି ଖୋଲି ଗଲା। ଏହାପରେ ସେହି ମହିଳା ଚତୁର୍ଥ ଉଦାହରଣ ଦେଲେ, ସେ ମାଟିର ମାଠିଆଟିଏ କୂଅ ଭିତରେ ପକେଇ ପାଣି ଆଣି ପଣ୍ଡିତଙ୍କ ସାମ୍ନାରେ ରଖିଦେଲେ। ଆଉ ମାଠିଆକୁ ଓଲଟାଇ ଦେଲେ। ସବୁ ପାଣି ବହିଗଲା। ସେ କହିଲେ, ମାଠିଆ ସୁନାର ହେଉ ଅଥବା ମାଟିର...ଯଦି ଓଲଟା ଅଛି, ତା'ହେଲେ ଶୋଷ ମେଣ୍ଟେଇ ପାରିବ ନାହିଁ। ବିଦ୍ୟା ମଧ୍ୟ ଏହିଭଳି, ଅହଂକାରଭରା ହୋଇଥିଲେ, କୌଣସି କାମରେ ଆସେ ନାହିଁ। ଏବେ ପଣ୍ଡିତଙ୍କ ଗର୍ବ ଭାଙ୍ଗିବାକୁ ଲାଗିଲା। ସେ ବୁଝିଗଲେ, ଯେଉଁ ଜ୍ଞାନ ଉପରେ ତାଙ୍କର ଗର୍ବ ଥିଲା, ତାହା ହିଁ ତାଙ୍କର ପ୍ରକୃତ ଅଜ୍ଞାନତା। ସେ ମହିଳାଙ୍କୁ ଭୁଲ୍ ମାଗି କହିଲେ, ମାତା! ଆଜି ଆପଣ ଶିଖେଇଲେ ଯେ ବିଦ୍ୟାର ମୂଲ୍ୟ ଶବ୍ଦରେ ନୁହେଁ, ବିନମ୍ରତାରେ ଅଛି। ଏବେ ମହିଳାଜଣକ ତାଙ୍କୁ ଶାନ୍ତିରେ ପାଣି ପିଆଇଲେ। ପଣ୍ଡିତଙ୍କୁ ଲାଗିଲା ଯେ ଆଜି ପ୍ରଥମଥର ତାଙ୍କର ତୃଷା ସତରେ ମେଣ୍ଟିପାରିଛି।


**– ମନୋଜ କୁମାର ବେହେରା**
ବାୟାବାବା ମଠ ଲେନ୍, ୟୁନିଟ୍-୯, ଭୁବନେଶ୍ୱର
ମୋ: ୭୯୭୮୮୩୦୬୧୧

# ଶୀତ ପାଇଁ ବ୍ୟବସ୍ଥା

ଶୀତରୁ ରକ୍ଷା ପାଇବା ପାଇଁ ଏବେ ଅନେକ ପ୍ରକାରର ଆଧୁନିକ ସୁବିଧା ରହିଛି। ହେଲେ ବହୁ ବର୍ଷ ପୂର୍ବେ ମୋଗଲମାନେ ଥଣ୍ଡାରୁ ରକ୍ଷା ପାଇବା ପାଇଁ କି ବ୍ୟବସ୍ଥା କରୁଥିଲେ ଜାଣନ୍ତୁ ସେ ସମ୍ପର୍କରେ...

ବହୁ ବର୍ଷ ତଳେ ଦିଲ୍ଲୀରେ ହାଡଥରା ଶୀତ ହେଉଥିଲା। ସେ ସମୟରେ ଗ୍ଲୋବାଲ ୱାର୍ମିଂ ମଧ୍ୟ ନ ଥିଲା। ଶୀତଦିନେ ତାପମାତ୍ରା ପ୍ରାୟ ସମୟ ୧ରୁ ୨ ଡିଗ୍ରୀ ମଧ୍ୟରେ ରହୁଥିଲା। ତେଣୁ ଦିଲ୍ଲୀରେ ମୋଗଲ ସମ୍ରାଟମାନେ ଖାଇବାପିଇବାଠାରୁ ଆରମ୍ଭ କରି ଘରର ସାଜସଜ୍ଜା ଓ ପୋଷାକ ପରିଧାନରେ ଢେର ପରିବର୍ତ୍ତନ କରୁଥିଲେ।

– ଶୀତଦିନେ ଖାଦ୍ୟରେ ମାଂସ ଓ ଗରମ ମସଲା ଯେମିତି କି ଡାଲଚିନି, ଗୁଜୁରାତି, ଅଦା, ଗୋଲମରିଚ, ସୁଣ୍ଠି, ପିପ୍ପଳି, ବାଦାମ ବ୍ୟବହାର ଅଧିକ ହେଉଥିଲା। ବାଦାମ, ପିସ୍ତା, ଅଖରୋଟ ଭଳି ଶୁଖିଲା ଖାଦ୍ୟ ଆଫଗାନିସ୍ତାନରୁ ମଗାଯାଉଥିଲା। ବିରିୟାନୀ ଓ ମାଂସ ତିଆରି ଏକପ୍ରକାର ସୁପ୍ ଅଧିକ ହେଉଥିଲା। ଘିଅର ବ୍ୟବହାର ବହୁତ ହେଉଥିଲା। ମିଠାରେ ମାଂସ ଓ କେଶର ବ୍ୟବହାର ରହୁଥିଲା। ସ୍ନାନ କରିବା ପରେ ବିଭିନ୍ନ ପ୍ରକାର ଜଡିବୁଟିର ଲେପ ଶରୀରରେ ଲଗାଉଥିଲେ।



ଘରଗୁଡିକର କାନ୍ଥକୁ ଅଧିକ ମୋଟା କରାଯାଉଥିଲା। ପାଚେରିଗୁଡିକୁ ମଧ୍ୟ ଅଧିକ ଉଚ୍ଚ ଓ ମୋଟା କରାଯାଉଥିଲା। ଶୀତଦିନ ପାଇଁ ଅଲଗା ଚାମ୍ବର ତିଆରି କରାଯାଏ, ଯେଉଁଠିକୁ ଅଧିକ ଖରା ପଡେ। ପାଚେରିରେ କଳା ରଙ୍ଗ ଲଗାଯାଇଥାଏ, ମୋଟା ଗଦି ତିଆରି କରାଯାଇଥାଏ। ଘର ଭିତରେ କୋଇଲା ଜଳାଇ ତାପମାତ୍ରା ବୃଦ୍ଧି କରାଯାଉଥିଲା।

ଗାଧୁଆ ଘରେ ମଧ୍ୟ ହିଟିଂ ସିଷ୍ଟମ୍ କରାଯାଉଥିଲା। ଚଟାଣରେ ଫାଙ୍କ ରହୁଥିଲା, ଯେଉଁ ବାଟରେ ତଳୁ ଉତ୍ତାପ ଆସୁଥିଲା। ସେହିଭଳି ପଶମିନା ଶାଲ୍, କଶ୍ମୀରୀ ଦୁଶାଲେ ଓ ମଖମଲି ପୋଷାକ ପିନ୍ଧୁଥିଲେ ମୋଗଲମାନେ। ଭିତରେ ତୁଳା ଦେଇ ସ୍ୱତନ୍ତ୍ର ପ୍ରକାର ପୋଷାକ ଓ ଟୋପି ତିଆରି କରାଯାଉଥିଲା। ଆଇନ- ଇ- ଆକବରୀରେ ଏସବୁ ସମ୍ପର୍କରେ ବିଭିନ୍ନ ବର୍ଣ୍ଣନା ରହିଛି।

# ମତାମତ

❖ 'ସିକ୍ରେଟ ସୁପର ପାୱାର' ବିଷୟ ପଢ଼ି ସେ ବିଷୟରେ ଅନେକ କଥା ଜାଣି ହେଲା।

**–ସୁମିତ୍ରା ସାହୁ, ବଲାଙ୍ଗୀର**

❖ ଏଥର ପ୍ରକାଶିତ 'ଆଇନା' ସ୍ତମ୍ଭ ସୁନ୍ଦର ଲାଗୁଛି।

**–ପ୍ରକାଶ କୁମାର ଦାସ, ପାରାଦୀପ, ଜଗତ୍‌ସିଂହପୁର**

❖ 'ଜଣା ଅଜଣା' ସ୍ତମ୍ଭରେ 'ଏକା ଭଳି ପତାକା' ବିଷୟଟି ବେଶ୍ ଶିକ୍ଷଣୀୟ ହୋଇଛି।

**–ଈପସିତା ନାୟକ, ରାଉରକେଲା**

❖ ଏଥର ସାଧାରଣତନ୍ତ୍ର ଦିବସ ଲାଗି ପ୍ରକାଶିତ କବିତାଗୁଡିକ ପଢ଼ି ଭଲ ଲାଗିଲା।

**–ସୁନନ୍ଦା ପ୍ରିୟଦର୍ଶିନୀ, ଯାଜପୁର**

# ରଙ୍ଗ ଦିଅ



# ଖିଲି ଖିଲି ହସ

ରାଜୁ ଡାକ୍ତରକୁ କହିଲା- ମୁଁ ଯେତେବେଳେ ଶୋଉଛି ସ୍ୱପ୍ନରେ ମାଙ୍କଡ ଫୁଟ୍‌ବଲ ଖେଳୁଛନ୍ତି।
ଡାକ୍ତର: କିଛି କଥା ନାହିଁ,ଏହି ବଟିକା ରାତିରେ ଶୋଇବା ପୂର୍ବରୁ ଖାଇଦେବ।
ରାଜୁ: କାଲିଠାରୁ ଖାଇବି, ଆଜି ତ ଫାଇନାଲ ଅଛି।

ଦୁଇ ସାଙ୍ଗ ମଧ୍ୟରେ କଥାବାର୍ତ୍ତା
ପ୍ରଥମ ସାଙ୍ଗ: ଆରେ ଶୁଣ, ମୋ ସ୍କିନ୍ ବହୁତ ଅଏଲି ହୋଇଯାଇଛି, ତୁ କହ ଏମିତି ଗୋଟିଏ ଜିନିଷର ନାମ ଯେମିତି ତାକୁ ଲଗାଇଲେ ମୋ ଅଏଲି ଦୂର ହେବ।
ଦ୍ୱିତୀୟ ସାଙ୍ଗ: ଏଇ ନେ ଭିମ୍‌ବାର, ଏହା ତୋ ମୁହଁରେ ଥିବା ସବୁ ଚିକ୍କଣକୁ ଏକାଥରେ ସଫା କରିଦେବ।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

# ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ଲର୍ନିଂ ଆଣ୍ଡ ଗେମିଂ

ବର୍ତ୍ତମାନ ଶିକ୍ଷା, ଟେକ୍ନୋଲୋଜି ଏବଂ ଗେମିଂରେ ବହୁତ ପରିବର୍ତ୍ତନ ଦେଖିବାକୁ ମିଳିଛି। ଏଥିରେ ତୁମକୁ ଏପରି ଅନୁଭବ ମିଳିବ ଯାହା ବିଷୟରେ ତୁମେ କେବେ ଚିନ୍ତା ବି କରି ନ ଥିବ। ତେବେ କିପରି ଅଧିକ ଜ୍ଞାନ ଆହରଣ କରିବେ ଏବଂ ପାଠପଢ଼ାର କୌଶଳ ପରିବର୍ତ୍ତନ କରିବେ ଏ ବିଷୟରେ ନିମ୍ନରେ ସୂଚନା ଦେଉଛୁ । ଜାଣନ୍ତୁ ଏ ସମ୍ପର୍କରେ..





## ଟେକ୍ନୋଫ୍ରେଣ୍ଡଲି ଶିକ୍ଷା

ବର୍ତ୍ତମାନ କ୍ଲାସ-୩ରୁ ସବୁ ସ୍କୁଲ୍‌ରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ(ଏଆଇ) ଏବଂ କମ୍ପ୍ୟୁଟେସନାଲ ଥିଙ୍କିଙ୍ଗ (ସିଟି)କୁ ପାଠ୍ୟକ୍ରମରେ ସାମିଲ୍ କରାଯାଇଛି। ଏଆଇ ଆଧାରିତ ଏହି ପ୍ଲାଟଫର୍ମ ଆଗକୁ ବିସ୍ତାରିତ ହେବ, ଯାହା ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ଶିଖିବାର ଶୈଳୀର ପରିବର୍ତ୍ତନ ଘଟିବ। ଫଳରେ ପିଲାମାନେ ସହଜରେ ପାଠକୁ ଗ୍ରହଣ କରିପାରିବେ। ଏହା ଦ୍ୱାରା ପିଲାମାନେ ବହି ପାଠ ବଦଳରେ ୫-୧୦ମିନିଟ୍‌ର ଭିଡିଓ ଏବଂ କୁଇଜ୍ ମାଧ୍ୟମରେ ପାଠକୁ ସହଜରେ ବୁଝିପାରିବେ।

## ମଜାଦାର ହେବ ଲର୍ନିଂ ଏକ୍ସପେରିଏନ୍ସ

ଯେଉଁ ଗତିରେ ଏଆଇ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ବିକାଶ ହେଉଛି ଆଗାମୀ ଭବିଷ୍ୟତରେ ପିଲାଙ୍କ ପାଇଁ ଲର୍ନିଂ ଏକ୍ସପେରିଏନ୍ସ ବହୁତ ମଜାଦାର ହୋଇପାରେ। ଏହାଦ୍ୱାରା ପିଲାଙ୍କର ସ୍କୁଲ୍ ବ୍ୟାଗ୍‌ରେ ବହିର ବୋଝ କମ୍ ହେବ। କାହିଁକି ନା ଅଲଗା ଅଲଗା ବହିରେ ଥିବା ସବୁ ବିଷୟବସ୍ତୁକୁ ପିଲାମାନେ ଡିଜିଟାଲ୍ ମାଧ୍ୟମରେ ପାଇପାରିବେ। ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ ଦ୍ୱାରା ଖୁବ୍ ସହଜରେ ଲ୍ୟାବ୍‌ରେ କେମେଷ୍ଟ୍ରି ଏବଂ ଫିଜିକ୍ସର ଏକ୍ସପେରିମେଣ୍ଟ କରିପାରିବ। ଏସବୁ ଜାଣିଲା ପରେ ପିଲାଙ୍କ ମନରେ ଡିଜିଟାଲ୍ ପାଠପ୍ରତି ଆଗ୍ରହ ବୃଦ୍ଧି ପାଇବ। ତେଣୁ ଆଗାମୀ ପିଢିର ପିଲାଙ୍କ ପାଇଁ ସ୍ମାର୍ଟ କ୍ଲାସ୍ ହେବାକୁ ଯାଉଛି ଏଥିରେ ସନ୍ଦେହ ନାହିଁ।

## ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ନୂଆ ପରୀକ୍ଷା

ବିଶେଷ ଭାବରେ ସାଇନ୍ସ, ଟେକ୍ନୋଲୋଜି, ଇଞ୍ଜିନିୟରିଂ ଏବଂ ମ୍ୟାଥମେଟିକ୍ସର କିଟ୍ସ ରହିଛି। ଏହି କିଟ୍ ତୁମକୁ ବିଜ୍ଞାନ, ଇଞ୍ଜିନିୟରିଂ ଏବଂ ମ୍ୟାଥର କନ୍‌ସେପ୍ଟକୁ ମଜାଦାର ଉପାୟରେ ଶିଖିବାରେ ସହାୟତା କରିବ। ଏହାଦ୍ୱାରା ଭବିଷ୍ୟତରେ ଏସ୍‌ଟିଇଏମ୍ (ସାଇନ୍ସ, ଟେକ୍ନୋଲୋଜି, ଇଞ୍ଜିନିୟରିଂ ଆଣ୍ଡ ମ୍ୟାଥ୍) କିଟ୍ କେତେକ ଅପ୍‌ଡେଟ୍ ନୂଆ ଏବଂ ଅପ୍‌ଡେଟେଡ୍ ଭର୍ସନ ତୁମ ପାଇଁ ସହଜରେ ଉପଲବ୍ଧ ହେବ। ଏହି କିଟ୍‌ସର ସହାୟତାରେ ତୁମେ ଘରେ ରହି ସୌର ଶକ୍ତି ଦ୍ୱାରା ଚାଲୁଥିବା କାର୍, ରୋବୋଟିକ୍ ହ୍ୟାଣ୍ଡ କିମ୍ବା ମିନି ସର୍କିଟ ଆଦି ବହୁତ କିଛି ଜିନିଷ ସହଜରେ ତୁମେମାନେ ତିଆରି କରି ପାରିବ।


## ବଢ଼ିବ ପାଠପଢ଼ା ପ୍ରତି ଆଗ୍ରହ

ଆଗାମୀ ସମୟରେ ତୁମମାନଙ୍କର ସ୍କୁଲ ପ୍ରୋଜେକ୍ଟ ଆଦି ସହଜରେ କରିହେବ। ତା'ସହ ସ୍କୁଲ୍ ପିଲାଙ୍କ ପାଇଁ ଗେମିଂ ପ୍ଲାଟଫର୍ମ ଉପଲବ୍ଧ ହେବ। ଗଣିତ ଏବଂ ବିଜ୍ଞାନ ଭଳି ଜଟିଳ ବିଷୟକୁ ବୁଝିବା ଲାଗି ଇଣ୍ଟରାକ୍ଟିଭ୍ କୁଇଜ୍ ଏବଂ ଭିଜୁଆଲ ଷ୍ଟୋରୀ ଟେଲିଂ ଆଦିର ଉପଯୋଗ କରିହେବ। ଏମିତିରେ ଆହୁରି କେତେକ ନୂଆ ପ୍ଲାଟଫର୍ମ ରହିଛି ଯାହା ଭବିଷ୍ୟତରେ ପିଲାଙ୍କ ପାଇଁ ଉପଲବ୍ଧ ହେବ। ଏହାଦ୍ୱାରା ପିଲାଙ୍କର ପାଠ ପଢ଼ା ପ୍ରତି ଆଗ୍ରହ ଆହୁରି ବଢ଼ିବ।

## ଏଣ୍ଟରଟେନମେଣ୍ଟର ଆମେଜିଂ ଏକ୍ସପେରିଏନ୍ସ


ଭାବ ତ, ତୁମକୁ ଯଦି ତୁମ କାର୍ଟୁନ କ୍ୟାରେକ୍ଟର ପାଖରେ ନିଜକୁ ଆକ୍ଟିଂ କରିବାର ସୁଯୋଗ ମିଳେ, ତେବେ କେତେ ମଜା ଆସିବ ନୁହେଁ! ଆଗାମୀ ସମୟରେ ଏପରି ହେବାକୁ ଯାଉଛି। ଅର୍ଥାତ୍ କାର୍ଟୁନ୍ ଫିଲ୍ମ ଦେଖିବା ଦ୍ୱାରା ତୁମର ଏକ୍ସପେରିଏନ୍ସ ସମ୍ପୂର୍ଣ୍ଣ ରୂପେ ବଦଳିଯାଇପାରେ। ଭର୍ଚୁଆଲ କାହାଣୀରେ ବାଛିପାର ଯେ ପସନ୍ଦ ଅନୁଯାୟୀ ସୁପରହିରୋ କିମ୍ବା କାର୍ଟୁନ କ୍ୟାରେକ୍ଟର ଆଗକୁ କ'ଣ କରିପାରିବେ। ଯେପରି ତୁମର କମାଣ୍ଡ ଦ୍ୱାରା ସେ ବାଘ ସହ ଲଢୁଥିବ , ଶତ୍ରୁଙ୍କ ସହ ଫାଇଟ୍ କରିବ ଏବଂ ତୁମେ ଯଦି ଚାହିଁବ ସେମାନଙ୍କ ସହ ଫ୍ରେଣ୍ଡଶିପ୍ ମଧ୍ୟ କରିପାରିବ। ଏପରି ମେଟାଭର୍ସ ଥିମ୍ ପାର୍କ ଆସିବ, ଯେଉଁଥିରେ ତୁମେ ଚଷମା ଲଗାଇ ଡିଜିନିଲ୍ୟାଣ୍ଡରେ ପହଁଞ୍ଚି ଗଲା ପରି ମନେ ହେବ। ମିକି ମାଉସ୍ ସହ ହାତ ମିଳାଇ ପାରିବ ଏବଂ ତା ସହ ଝୁଲାରେ ଝୁଲିପାରିବାର ଅନୁଭବ କରିପାରିବ।









୧




୨



୩



୪




୫



୬



୭



୮



୯

୧



ଇପସିତ୍ ସାମନ୍ତରାୟ
କ୍ଲାସ- ୩,
ଡିପିଏସ୍,
ଢେଙ୍କାନାଳ

୨



ସାତ୍ୱିକା ନନ୍ଦ
କ୍ଲାସ-୩,
ବିଜେଇଏମ୍ ସ୍କୁଲ,
ଭୁବନେଶ୍ୱର

୩



ଚେତନା ପାଢ଼ୀ
କ୍ଲାସ-୩, ଡିଏଭି
ପବ୍ଲିକ ସ୍କୁଲ,
ୟୁନିଟ-୮,
ଭୁବନେଶ୍ୱର

୪



ଜିଜ୍ଞାସା ନାୟକ
କ୍ଲାସ- ୩, ଜ୍ଞାନରଥ
ପବ୍ଲିକ ସ୍କୁଲ,
ଦଶପଲ୍ଲା,
ନୟାଗଡ଼

୫



ରୀତାଞ୍ଜଳି ପୃଷ୍ଟି
କ୍ଲାସ- ୮, କେଏଚ୍‌ବି
ହାଇସ୍କୁଲ,
ବେଙ୍ଗାପୁର,
ରାଇପୁର, ଯାଜପୁର

୬



ରୋଜାଲିନ୍ ମହାନ୍ତ
କ୍ଲାସ-୬, ଶ୍ରୀ ଅରବିନ୍ଦ
ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର,
ମାତୃକ୍ଷେତ୍ର ଆଶ୍ରମ,
ରାଇକଳା, କେନ୍ଦୁଝର

୭



ଆଶିଷ କୁମାର ନାଥ
କ୍ଲାସ- ଉଦୟ,
ସରସ୍ୱତୀ ଶିଶୁ
ବିଦ୍ୟାମନ୍ଦିର, ଡାବୁଗାଁ,
ନବରଙ୍ଗପୁର

୮



ସ୍ୱାଭିମାନ ପ୍ରଧାନ
କ୍ଲାସ-ଏଲକେଜି,
ମିଲେନିୟମ କିଡ୍ସ
ଗ୍ଲୋବାଲ ସ୍କୁଲ,
ସୋନପୁର

୯



ସଞ୍ଜନା ହେମ୍ବ୍ରମ
କ୍ଲାସ-୪, ସରକାରୀ
ଉଚ୍ଚ ବିଦ୍ୟାଳୟ,
ଅଦାପାଳ, ଉଦଳା,
ମୟୂରଭଞ୍ଜ

୧୦



ଦେବହୂତି
ବରଦାଲକ୍ଷ୍ମୀ ରାଉତ
କ୍ଲାସ- ୨, ଦୀପ୍ତି
କନଭେଣ୍ଟ ସ୍କୁଲ,
ରାୟଗଡ଼ା



୧୦

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# କୁନି ଜିମ୍ନାଷ୍ଟ




ଅଭ୍ୟାସ ବଳରେ ଅସମ୍ଭବ କାମକୁ ସମ୍ଭବ କରିହେବ। ଏହାର ଏକ ଉଦାହରଣ ହେଉଛନ୍ତି ଆମେରିକାର କୁନି ବାଳିକା କିନ୍‌ଲୀ ହେମାନ୍। ମାତ୍ର ୮ ବର୍ଷ ବୟସରେ ସେ ଜିମ୍‌ନାଷ୍ଟିକ୍‌ରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ୩୦ ସେକେଣ୍ଡ ମଧ୍ୟରେ ସେ ଜିମ୍‌ନାଷ୍ଟିକ୍ ବାର୍‌ରେ ୧୮ ଥର ରୋଟେଶନ୍ କରି ପାରିଛନ୍ତି। ଏତେ କମ୍ ସମୟ ମଧ୍ୟରେ ଏତେ ଅଧିକ ଥର ସେ ରୋଟେଶନ୍ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଛନ୍ତି। ଏହି କାମ ପାଇଁ ତାଙ୍କୁ ଗିନିଜ୍ ରେକର୍ଡରେ ସ୍ଥାନ ମିଳିପାରିଛି।

ଜିମ୍‌ନାଷ୍ଟିକ୍ ବାର୍‌ରେ କିନ୍‌ଲୀଙ୍କର ରୋଟେଶନ୍ ଦେଖିଲେ କ୍ଷିପ୍ର ବେଗର ଏକ ପବନ ଭଳି ମନେ ହେବ। କାରଣ ଏତେ ଶୀଘ୍ର ତାଙ୍କର ରୋଟେଶନ୍ କିଛି ସମୟ ପାଇଁ ଲୋକେ ସମ୍ମୋହିତ କରିଦିଏ। ପିଲାବେଳରୁ ତାଙ୍କର ଏହି ପ୍ରତିଭା ତାଙ୍କୁ ଭବିଷ୍ୟତରେ ଅଲିମ୍ପିକ୍ ଚାମ୍ପିୟନ୍ କରାଇପାରିବ ବୋଲି ଏବେ ଠାରୁ ସ୍ପଷ୍ଟ ହୋଇପାରିଛି। ତେବେ କିନ୍‌ଲୀଙ୍କୁ ଜିମ୍‌ନାଷ୍ଟିକ୍‌ର ବିଭିନ୍ନ ଷ୍ଟାଇଲ୍ ଖୁବ୍ ଭଲ ଲାଗେ ଓ ସେ ବେଶ୍ ଖୁସିରେ ଏସବୁ କରନ୍ତି ବୋଲି କହିଛନ୍ତି। ଏମିତି କି ରୋଟେଶନ୍ ସମୟରେ ସେ ନିଜକୁ ଆକାଶରେ ଉଡିବା ଭଳି ମନେକରନ୍ତି। ସେଥିପାଇଁ ଏଭଳି ବହୁ ଦୁଃସାହସିକ ଷ୍ଟଣ୍ଟକୁ ସେ ବାରମ୍ବାର ଅଭ୍ୟାସ କରିଥାନ୍ତି।

# ଏଥରର

- ଭାରତର ଶେଷ ଭାଇସରଏଙ୍କ ନାମ ?
- ଭାରତକୁ ସର୍ବପ୍ରଥମେ ପର୍ତ୍ତୁଗୀଜ୍‌ମାନେ ଆସିଥିଲେ। ସେମାନେ କେବେ ଭାରତ ଛାଡି ଯାଇଥିଲେ ?
- ୱାର୍ଲଡ ଇକୋନୋମିକ୍ ଫୋରମ୍‌ର ହେଡ୍‌କ୍ୱାର୍ଟର କେଉଁଠାରେ ?
- ବିଶ୍ୱର ସବୁଠାରୁ ବଡ ମଧୁରଜଳ ହ୍ରଦର ନାମ ହେଉଛି ଟାଙ୍ଗାନିକା। ଏହା କେଉଁଠାରେ ଅବସ୍ଥିତ ?
- ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କେବେ ପ୍ରତିଷ୍ଠା ହୋଇଥିଲା ?

## ଗତଥରର ଉତ୍ତର

- ୧୬୦୮ ମସିହା
- ୨୦୦ ବର୍ଷ
- ତ୍ରିରଙ୍ଗା
- ଡ. ରାଜେନ୍ଦ୍ର ପ୍ରସାଦ
- ୨୧ ଥର



## କବିତା

### ଫୁଲ

ଫୁଲ ବୋଲି ଯେଉଁ ଦୁଇଟି ଅକ୍ଷର
ବିଧାତା କଲା ଭିଆଣ,
ସୃଷ୍ଟି ପାଇଁ ସେ ଯେ ଶ୍ରେଷ୍ଠ ଉପହାର
ସ୍ରଷ୍ଟାଙ୍କର ବରଦାନ।
ଶରୀରଟି ତା'ର ଅତ୍ୟନ୍ତ କୋମଳ
ରଙ୍ଗ ଦିଶେ କେଡ଼େ ତୋରା,
ଅମୂଲ୍ୟ ସୁବାସ ବିତରଣ କରି
ପୁଲକିତ କରେ ଧରା।
ତା' ଦେହରେ ଥାଏ ଅମିୟ ରସ ଯେ
'ମଧୁ' ଅଟେ ତାର ନାମ,
ପ୍ରଜାପତି, ମଧୁମକ୍ଷି, ଷଟ୍‌ପଦ
ଉଲ୍ଲାସେ କରନ୍ତି ପାନ।
ତରୁଡାଳେ ଯେବେ ଜନମ ଲଭିଲା
ସ୍ରଷ୍ଟା କହିଥିଲେ କାନେ,
ମହତ କରମ ପାଇଁ ତୋ' ଜନମ
ରଖିଥିବୁ ସଦା ମନେ।
ସାଧିଥାଏ ଫୁଲ ମହତ କରମ
ଘେନି ସ୍ରଷ୍ଟା ଆଶୀର୍ବାଦ,
ପର ଉପକାରେ ଲାଗିଥାଏ ସେ ଯେ
ମନରେ ନ ରଖି ଖେଦ।

**– ମାଧବୀଲତା ଦେଈ**
ଶ୍ରୀମୁଖ, ନିମାପଡ଼ା, ପୁରୀ
ମୋ: ୯୬୯୨୪୮୩୩୭୭

### ସପନ ଆମ ବହୁତ ବଡ଼

ଆମରି ପରି ଟିକି ଚଢ଼େଇ ମାଆ କୋଳରେ ଥାଏ
ହୋଇଲେ ବଡ଼ ଡେଣା ହଲାଇ ଆକାଶେ ଉଡ଼ି ଯାଏ।
ଆମରି ପରି ଟିକି ଫୁଲଟି ପବନେ ଝୁଲି ଝୁଲି
ସପନ ଦେଖେ ଜହ୍ନ ରାଇଜ ଛୁଇଁ ଆସିବ ବୋଲି।
ଆମରି ପରି ଟିକି ମଞ୍ଜିଟି ନ ଥାଏ କିଛି ଜାଣି
ମାଟି ଫଟାଇ ବିରାଟ ହୁଏ ପାଇ ପବନ, ପାଣି।
ଆମରି ପରି ଟିକି ଝରଣା ଭାରି ଅବୁଝା ହୁଏ
ପାହାଡ଼, ବଣ, ଅରମା କାଟି ନିତି ଆଗକୁ ଧାଏଁ।
ଆମରି ପରି ଟିକି ଭଅଁର ଫୁଲରୁ ଫୁଲ ଉଡ଼େ
ଶୁଣ୍ଢରେ ଫୁଲ ରସକୁ ନେଇ ମହୁଫେଣାଟେ ଗଢ଼େ।
ଆମରି ପରି ଯେତେରେ ଶିଶୁ ଅବୁଝା ସିନା ହେଉ
ସପନ ଆମ ବହୁତ ବଡ଼ ସରଗ ଛୁଇଁ ଦେଉ।
କୀଟ, ପତଙ୍ଗ, ଗଛ ଓ ଲତା ସବୁ ଆମରି ପରି
ତାଙ୍କ ହିତରେ ଭଲ କାମଟି ଯିବୁରେ ଆମେ କରି।

**– ଅନନ୍ତ କୁମାର ସେନାପତି**
ବାଣ୍ଟୁପଡା, ରାଜଗାଙ୍ଗପୁର, ସୁନ୍ଦରଗଡ଼
ମୋ: ୭୦୦୮୩୦୪୨୨୫

### ଆମ ବିଦ୍ୟାଳୟ

ଆମ ବିଦ୍ୟାଳୟ ନୁହଁଇ କେବଳ
ପକ୍କା କାନ୍ଥର ଘର
ପବିତ୍ର ତା' ଦେହ ପବିତ୍ର ତା' ମାଟି
ନିଜଠୁ ବି ଅତି ନିଜର।
ଗୁରୁଜୀ ଗୁରୁମା ସେ ପୁଣ୍ୟ ମନ୍ଦିରେ
ଆମର ବଡ ଦେବତା
ତାଙ୍କ କଥା ମାନି ଆଗକୁ ବଢ଼ିଲେ
ହୋଇବା ଜଗତଜିତା
ଅନ୍ଧ ଆଖି ମୋର ଖୋଲି ହୋଇଯାଏ
ଗୁରୁଙ୍କ ଆଲୁଅ ବଳେ
ହୃଦୟ ମନ୍ଦିରେ ଆମ ବିଦ୍ୟାଳୟ
ଦୀପଟିଏ ହୋଇ ଜଳେ।
ଖାଲି ନୁହେଁ ସେ ଯେ ଇଟା କାନ୍ଥ
ଘେରା
ମାତ୍ର ଗୋଟିଏ ଘର
ମଉନେ ମଉନେ ଶିଖାଏ ଜୀବନ
କେମିତି ହୁଏ ସୁନ୍ଦର।
ଭଲ ପାଠ ପଢି ରଖିବା ତା' ଟେକ
ରଖିବା ଗୁରୁଙ୍କ ମାନ
ବିଦ୍ୟାଳୟ ତେବେ ହସିବ ଆମର
ହୋଇବ ତା' ଜୟ ଗାନ।

**– ଚନ୍ଦନ କୁମାର ଦାସ**
ଆରୁହାବୃତ୍ତି, ଭୋଗରାଇ, ବାଲେଶ୍ୱର
ମୋ: ୮୧୧୪୩୪୫୯୮୮

## କହିଲ ଦେଖି

ବଳଦେବଜୀଉ ମନ୍ଦିର
ସତେ କି ମନଲୋଭା
ଭିତରକନିକା ଅଭୟାରଣ୍ୟ
ପାଉଛି ଶୋଭା
ସମୁଦ୍ର କୂଳିଆ ଜିଲ୍ଲା
ନାଆଁ କହିଦେଲେ ରସାବଳୀ ମିଠା
ଦେବି ମୁଁ ତୁମକୁ ଖାଇବ ଖୁସିରେ
ନ କରିବ ହୋ ହଲ୍ଲା !



**ଉତ୍ତର : କେନ୍ଦ୍ରାପଡ଼ା**

ଗୋରଖନାଥଙ୍କ ଅପାର ମହିମା
ବଟବୃକ୍ଷ ସଉରଭ
ପାରାଦୀପ ନାମେ ବନ୍ଦର ଗୋଟିଏ
ଜିଲ୍ଲା ଗର୍ବ ଗଉରବ
ସଂଗ୍ରାମୀ ବୀରଙ୍କ ଅନ୍ତୁଡ଼ିଶାଳ
ଧର୍ମପୀଠ ଅଛି ମାଳକୁ ମାଳ
ଶାରଳା ପୀଠକୁ ଯାଇଛି ଯିଏ
ଜିଲ୍ଲାଟିର ନାମ କହିବ ସିଏ !



**ଉତ୍ତର : ଜଗତ୍‌ସିଂହପୁର**

କୋଣାର୍କ ମନ୍ଦିର ବିଶ୍ୱ ପ୍ରସିଦ୍ଧ
ପିପିଲି ଚାନ୍ଦୁଆ ପୁଣ୍ୟ ଶ୍ରୀକ୍ଷେତ୍ର
ଆନନ୍ଦବଜାର ମହାପ୍ରସାଦ
ଆନନ୍ଦେ ଭୁଞ୍ଜିଲେ କଟେ ବିଷାଦ
ପୀର ଜାହାନିଆ ପୀଠ
ହିନ୍ଦୁ ମୁସଲମାନ ଏକାଠି ଭେଟ
ଜିଲ୍ଲା ମହିମାକୁ ଦିଗୁଣିତ କରେ
କୁହ ନ କରିଣ ମଠ !



**ଉତ୍ତର : ପୁରୀ**

ଉଣେଇଶ ଶହ ତେୟାନବେ ମସିହା
ଏପ୍ରିଲ ଏକ ତାରିଖ
ବାଲେଶ୍ୱରଠାରୁ ଅଲଗା ହୋଇ ସେ
ପାଏ ନୂଆ ରୂପରେଖ
ମାଆ ଭଦ୍ରକାଳୀ ଜିଲ୍ଲାର ରାଣୀ
"ଇରମ" କହେ ସଂଗ୍ରାମୀ କାହାଣୀ
ଆଖଣ୍ଡଳମଣି ଆରଡ଼ି ଧାମ
କହିଦିଅ ପିଲେ ଜିଲ୍ଲାର ନାମ !



**ଉତ୍ତର : ଭଦ୍ରକ**

**– ଜଗଦୀଶ ସାହୁ**
ସଂଜପଡା, ହିନ୍ଦୋଳ, ଢେଙ୍କାନାଳ
ମୋ: ୯୦୭୮୧୮୫୬୧୬



# ସବୁଠାରୁ ପୁରୁଣା ରେଲୱେ ଷ୍ଟେଶନ


ପିଲାଏ, ତୁମେମାନେ ତ ନିଶ୍ଚୟ ରେଲୱେ ଷ୍ଟେଶନରେ ଟ୍ରେନ୍ ଯିବା ଆସିବାର ଦୃଶ୍ୟ ଦେଖିଥିବ। ଆଜିକାଲି ଅନେକ ଷ୍ଟେଶନ ଅତ୍ୟାଧୁନିକ ଶୈଳୀରେ ନିର୍ମାଣ କରାଯାଉଛି, ଯାହା ଦେଖିବାକୁ ବେଶ୍ ଆକର୍ଷଣୀୟ। ତେବେ ୨୦୦ ବର୍ଷ ପୁରୁଣା ଏକ ରେଲୱେ ଷ୍ଟେଶନ ରହିଛି, ଯାହା ପର୍ଯ୍ୟଟକମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ଏହା ହେଉଛି ବିଶ୍ୱର ସର୍ବପୁରାତନ ରେଲୱେ ଷ୍ଟେଶନ ଯାହା ଇଂଲଣ୍ଡରେ ଅବସ୍ଥିତ। ଏହି ଦେଶର ଡରହାମ କାଉଁଣ୍ଟିରେ ହେଗିଙ୍ଗଟନ୍ ରେଲୱେ ଷ୍ଟେଶନ ଅଛି। ଏହା ଐତିହାସିକ ଷ୍ଟକଟନ୍ ଏବଂ ଡାର୍ଲିଂଟନ୍ ରେଲୱେ ଲାଇନ୍ ମଧ୍ୟରେ ଅବସ୍ଥିତ। ୧୮୨୦ ମସିହାରେ ଏହି ଷ୍ଟେଶନ ନିର୍ମାଣ ହୋଇଥିଲା। ସେତେବେଳେ ଏକ ପବ୍ ସହ ମିଶାଇ ତାହାକୁ ନିର୍ମାଣ କରାଯାଇଥିଲା, ଯେପରି କି ଯାତ୍ରୀ ଏବଂ ରେଲୱେ କର୍ମଚାରୀ ସେଠାରେ ରହିପାରିବେ। ଏହାକୁ ମଧ୍ୟ ଦୁନିଆର 'ପ୍ରୋଟୋ ରେଲୱେ ଷ୍ଟେଶନ' କୁହାଯାଏ। ସେ ସମୟରେ ଏହି ଷ୍ଟେସନଟିକୁ ଅନ୍ୟ ଷ୍ଟେଶନଗୁଡିକ ପାଇଁ ଏକ ମଡେଲ ଭାବରେ ନିଆଯାଉଥିଲା। ଏହାର ଏକ ଛୋଟ କୋବଲ୍ଡ ପ୍ଲାଟଫର୍ମ ଥିଲା। ବିଶ୍ୱାସ କରାଯାଏ ଯେ ଯେତେବେଳେ ରେଳଗାଡି ଚାଲିବା ପରୀକ୍ଷାସ୍ୱରୂପ ୧୮୨୫ରେ ଆରମ୍ଭ କରାଗଲା, ସେତେବେଳେ ଏହି ଷ୍ଟେଶନକୁ ବ୍ୟବହାର କରାଯାଇଥିଲା। ଏବେ ଏହି ଷ୍ଟେଶନଟି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ତେବେ ଏହାର ଯେତିକି ଅଂଶ ରହିଛି ତାକୁ କିପରି ସୁଚାରୁରୂପେ ଦେଖାଶୁଣା କରାଯିବ ସେ ନେଇ ଇଂଲଣ୍ଡ ସରକାର ଏକ ଯୋଜନା ପ୍ରସ୍ତୁତ କରିଛନ୍ତି।



# ଖୋଲା ଜେଲ

ଜେଲର କଏଦୀମାନେ ରହିଥାଆନ୍ତି। ତେଣୁ ସବୁ ଦୃଷ୍ଟିକୋଣରୁ ଏହାର ନିର୍ମାଣ ସମୟରେ ଦୃଷ୍ଟି ଦିଆଯାଇଥାଏ। ସୁଉଚ୍ଚ ପ୍ରାଚୀର ସହ କଏଦୀଙ୍କ କୋଠରିରେ ଲୁହା ନିର୍ମିତ ଗ୍ରୀଲ ଲଗାଯାଇ ସେଥିରେ ତାଲା ପଡିଥାଏ। ପୁଣି ସେମାନଙ୍କୁ ଜଗିବାକୁ ଜେଲ୍ କର୍ମଚାରୀ ଏବଂ ଏହାର ଦାୟିତ୍ୱରେ ଜଣେ ଜେଲର ଥାଆନ୍ତି। କିନ୍ତୁ ଜାଣିଛ ପିଲାଏ, ଏପରି ଏକ ଜେଲ ଅଛି ଯାହାର ନା ପାଚେରି ଅଛି ନା କବାଟ। ଏପରି ଖୋଲା ଜେଲରେ ମଧ୍ୟ କଏଦୀ ରହିଛନ୍ତି। ହେଲେ ଏଠାରୁ କେହି କେବେ ଲୁଚି ପଳାଇ ଯିବାକୁ ଚେଷ୍ଟା କରି ନ ଥାନ୍ତି। ଏହି ଜେଲଟି ଗ୍ରୀନଲାଣ୍ଡ ଦୀପରେ ଅବସ୍ଥିତ। ଏଠାକାର ଜେଲରେ ଜଣେ କଏଦୀକୁ ଦଣ୍ଡ ତ ଦିଆଯାଏ, ତା' ସହ ଭବିଷ୍ୟତରେ ସେ କିପରି ଜଣେ ଭଲ ମଣିଷ ହେବ ସେ ସମ୍ପର୍କରେ ତାଙ୍କୁ ତାଲିମ୍ ଦିଆଯାଏ। ଏଠାକାର କଏଦୀମାନେ ଦିନରେ ବାହାରକୁ ସୁରକ୍ଷାକର୍ମୀଙ୍କ ସହ ଯାଆନ୍ତି ଏବଂ ରାତିରେ ଜେଲ୍ କୋଠରିରେ ବିଶ୍ରାମ ନିଅନ୍ତି। ଜଣେ କଏଦୀ ଯଦି ପାଠ ପଢ଼ିବା ବ୍ୟତୀତ ଯାହା ଭଲ କାମ କରି ରୋଜଗାର କରିବାକୁ ଚାହିଁବେ ତେବେ ସେମାନଙ୍କୁ ଜେଲ୍ର ଏ ନେଇ ଅନୁମତି ଦେଇଥାଆନ୍ତି। ଏଭଳି ସଂସ୍କାରମୂଳକ କାର୍ଯ୍ୟକ୍ରମ ପାଇଁ ଏଠାରେ ଥିବା କଏଦୀଙ୍କ ମନରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥାଏ। ପୂର୍ବରୁ ଦାଗୀ କଏଦୀଙ୍କୁ ଡେନମାର୍କ ପଠାଯାଉଥିଲା, କିନ୍ତୁ ଏବେ ବେଶ୍ ସୁରକ୍ଷା ବଳୟ ମଧ୍ୟରେ ଗ୍ରୀନଲାଣ୍ଡରେ ରଖାଯାଉଛି। କିନ୍ତୁ ଏହି ଖୋଲା ଜେଲ୍ର ସୁରକ୍ଷା ବ୍ୟବସ୍ଥା ଏତେ ଦୃଢ଼ ଯେ ଜଣେ ଚାହିଁଲେ ମଧ୍ୟ ଖସି ଯାଇପାରିବ ନାହିଁ।

# ପୁରାତନ ଗୁମ୍ଫା



**ସାଧାରଣତଃ ଗୁମ୍ଫାଗୁଡିକ ବେଶ୍ ପୁରୁଣା। ହେଲେ ଏଭଳି କେତେକ ଗୁମ୍ଫା ରହିଛି ଯାହା ହଜାର ହଜାର ଏପରିକି ଲକ୍ଷାଧିକ ବର୍ଷ ପୁରୁଣା। ଏଭଳି କେତେକ ସବୁଠାରୁ ପୁରୁଣା ଗୁମ୍ଫା ବିଷୟରେ ନିମ୍ନରେ ସୂଚନା ଦିଆଯାଉଛି..**




## ଲେଆଙ୍ଗ କରମପୁଆଙ୍ଗ ଗୁମ୍ଫା, ଇଣ୍ଡୋନେସିଆ

ଇଣ୍ଡୋନେସିଆର ସୁଲାବେସୀ ଦ୍ୱୀପରେ ଲେଆଙ୍ଗ କର୍ମୟୁଗ ଗୁମ୍ଫା ରହିଛି। ୨୦୨୪ରେ ଏକ ସର୍ଭେ ସମୟରେ ଏହାକୁ ଠାବ କରାଯାଇଛି। ଏହି ଗୁମ୍ଫାଟି ପ୍ରାୟ ୫୧, ୨୦୦ ବର୍ଷ ପୁରୁଣା। ଏହାର କଳାକୃତି ମଧ୍ୟ ଭିନ୍ନ ଧରଣର। ଏହାକୁ ଦେଖିଲେ ଲାଗିବ ଯେମିତି ଜଙ୍ଗଲୀ ଘୁଷୁରି ସହିତ ତିନି ଜଣ ଲୋକ ଏକତ୍ର ଠିଆ ହୋଇ ଯେପରି କଥା ହେଉଛନ୍ତି। ଏହି ଗୁମ୍ଫାର ଇତିହାସକୁ ପର୍ଯ୍ୟାଲୋଚନା କଲେ ମଣିଷ ପ୍ରାୟ ୫୦୦୦୦ ବର୍ଷ ପୁରୁଣା ବୋଲି କେତେକ ବିଶେଷଜ୍ଞ ମତ ଦେଇଛନ୍ତି।

## ମାଲ୍ଟ୍ରାଭିଏସ୍ଓ ଗୁମ୍ଫା, ସ୍ପେନ୍


କେତେକ ବୈଜ୍ଞାନିକଙ୍କ ମତରେ ମାଲ୍ଟ୍ରାଭିଏସ୍ଓ ଗୁମ୍ଫା ପ୍ରାୟ ୬୪୦୦୦ ବର୍ଷର ପୁରୁଣା। ଏହା ୟୁରୋପ ମହାଦେଶରେ ମାନବ ସମାଜ ସୃଷ୍ଟି ହେବା ପୂର୍ବର ବୋଲି ମଧ୍ୟ ସେମାନେ ଆକଳନ କରିଛନ୍ତି। ନିୟଣ୍ଡରଥାଲ ମାନବ ଏହାକୁ ନିର୍ମାଣ କରିଥିଲେ ବୋଲି ବିଶ୍ୱାସ କରାଯାଏ।

## ଥେଲମ ଗୁମ୍ଫା, ଦକ୍ଷିଣ ଆଫ୍ରିକା

ଦକ୍ଷିଣ ଆଫ୍ରିକାରେ ଅବସ୍ଥିତ ଥେଲମ ଗୁମ୍ଫା ବେଶ୍ ପୁରୁଣା। ମାନବ ସମାଜର ପୂର୍ବଜମାନେ ଏହି ଗୁମ୍ଫାରେ ବାସ କରୁଥିଲେ ବୋଲି ବିଶ୍ୱାସ କରାଯାଏ। ଏହି ଗୁମ୍ଫା ଭିତରେ ହୋମୋ ହେବିଲିସ ସହ ଜଡିତ ଚିତ୍ରକଳା ଦେଖିବାକୁ ମିଳିଥାଏ।

## ଭୀମବେଟକା ଗୁମ୍ଫା, ଭାରତ

ମଧ୍ୟପ୍ରଦେଶର ଭୀମବେଟକା ରକ୍ ସେଲଟର ବେଶ୍ ପୁରୁଣା। ଏହାକୁ ପ୍ରାୟ ୩୦,୦୦୦ ବର୍ଷ ପୂର୍ବର ବୋଲି ଅନୁମାନ କରାଯାଏ। ଆଦିମ ମାନବ ଶିକାର କରୁଥିବାର ଚିତ୍ର, ପଶୁପକ୍ଷୀଙ୍କ ଚିତ୍ର, ନୃତ୍ୟଶୈଳୀ ଏବଂ ଦୈନନ୍ଦିନ ଜୀବନର କେତେକ ଘଟଣାବଳୀକୁ ଏଥିରେ ଚିତ୍ରିତ କରାଯାଇଛି। ଏହି ଗୁମ୍ଫାକୁ ଦେଖିବାକୁ ପର୍ଯ୍ୟଟକଙ୍କର ଭିଡ ଲାଗି ରହିଥାଏ।



# ଆ ଇ ନା



ଶ୍ରୀୟାଶ୍ରୀ ବିଶ୍ୱାସ
୧୩ ବର୍ଷ, ପୁରୀ



ବାନ୍ଭୀ ଶତପଥୀ
୫ ବର୍ଷ, ବେଙ୍ଗାଲୁରୁ